## ସଂକ୍ଷେପରେ

### ୨୫ରେ ଜିଲାସ୍ତରୀୟ ସରକାରୀ ଓକିଲଙ୍କ ବୈଠକ

**ବ୍ରହ୍ମପୁର ଅଫିସ,୨୩।୮:** ରାଜ୍ୟ ଗୃହ ବିଭାଗ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲାର ବିଭିନ୍ନ କୋର୍ଟରେ କାର୍ଯ୍ୟ କରୁଥିବା ସରକାରୀ ଓକିଲଙ୍କ ଏକ ବୈଠକ ଆସନ୍ତା ୨୫ ତାରିଖ ବ୍ରହ୍ମପୁର ଡିଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ବୈଠକରେ ମୁଖ୍ୟତଃ ବିଭିନ୍ନ କୋର୍ଟରେ ପଡିରହିଥିବା କେସ, ଅଭିଯୁକ୍ତ ମାନଙ୍କର ସ୍ଥିତି, ମାମଲା ପରିଚାଳନା କରୁଥିବା ସମୟରେ ଉପୁଜୁଥିବା ଅସୁବିଧା ସମ୍ପର୍କରେ ବିସ୍ତୃତ ଭାବେ ପୋଲିସ ଅଧିକାରୀ ଓ ସରକାରୀ ଓକିଲାମାନଙ୍କ ମଧରେ ଆଲୋଚନା ହେବ । ଏଥିରେ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଡିଆଇଜି ଆଶିଷ କୁମାର ସିଂଙ୍କ ସମେତ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ ରଏ ଓ ସ୍ପେଶାଲ ପିପି, ଏପିପି, ଏବଂ ଆସୋସିଏଟ୍ ପିପିମାନେ ଯୋଗ ଦେବେ ବୋଲି ଜିଲା ସରକାରୀ ଓକିଲ(ପିପି) ଅଜିତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ଦଶମ ବେତନ ମଞ୍ଜୁରୀକୁ ସ୍ୱାଗତ

**ବ୍ରହ୍ମପୁର ଅଫିସ୍,୨୩।୮:** ଓଡ଼ିଶା ରାଜ୍ୟ ଇଲେକ୍ଟ୍ରିକାଲ୍ ବୋର୍ଡ଼ ପକ୍ଷରୁ ଦଶମ ବେତନ ମଞ୍ଜୁର କରାଯାଇଛି। ଫଳରେ ସମସ୍ତ ୪ଟି ଯାକ ବିଦ୍ୟୁତ୍ ବିତରଣ କମ୍ପାନୀର କର୍ମଚାରୀମାନେ ଉପକୃତ ହେବେ। ଏହାକୁ ଓଏସ୍‌ଇବି ଶ୍ରମିକ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱ ଯୋଗୁ ଏହା ହୋଇପାରିଛି ବୋଲି କୁହାଯାଇଛି। ଏଥିରେ ୟୁନିୟନ୍ କର୍ମକର୍ତ୍ତା ଏନ୍. ଭାସ୍କର ରାଓ, ଜଗନ୍ନାଥ ମହାରଣା, କାଳୀ ପ୍ରସାଦ ମହାପାତ୍ର, ବ୍ୟୋମକେଶ ସ୍ୱାଇଁ, ପ୍ରମୋଦ ଦାଶ ଓ ଟୁକୁନା ବିଷୋୟୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସ୍ୱାଗତ କରିଛନ୍ତି।

### ଫଲ୍‌ଗୁ ସାହିତ୍ୟ ସଂସଦର ମାସିକ ଆସର

**ବ୍ରହ୍ମପୁର ଅଫିସ,୨୩।୮:** ସାହିତ୍ୟ ଅନୁଷ୍ଠାନ ଫଲଗୁ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ଉପସଭାପତି ପ୍ରଫେସର ଡ. ରବିନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ. ହରିହର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଂସଦ ସାଧାରଣ ସମ୍ପାଦକ ପ୍ରଫେସର ଡ. ବ୍ରଜମୋହନ ଶାସମଲ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଯୁଗ୍ମସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ କବିତା ଓ ଗଳ୍ପଗୁଡିକୁ ସମୀକ୍ଷା କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦକ ଡା. ସାଗର ରଞ୍ଜନ ତ୍ରିପାଠୀ ଏହାକୁ ସଂଯୋଜନା କରିଥିଲେ । ବିପ୍ର ଆଚାର୍ଯ୍ୟ, ହାଡିବନ୍ଧୁ ମାଳୀ, ଡା. ଚନ୍ଦ୍ରମଣି ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ପାଢୀ, ଡ. ସୂଚନା ପାଢୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଭିକାରି ଚରଣ ମହାପାତ୍ର, ଗୋଦାବରୀଶ ଦାଶ, ଶରତଚନ୍ଦ୍ର ଦାଶ, ତ୍ରିନାଥ ନାୟକ ଓ କପିଳଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ବରିଷ୍ଠ କବି ହାଡିବନ୍ଧୁ ମାଳୀ ଧନ୍ୟବାଦ ଦେଇଥିଲେ ।

### ବନ୍ୟା ପୀଡ଼ିତଙ୍କୁ ଜିବିଏର ସହାୟତା

**ବ୍ରହ୍ମପୁର ଅଫିସ,୨୩।୮:** କେରଳ ବନ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢାଇଛି ଗଞ୍ଜାମ ଆଇନଜୀବୀ ସଂଘ(ଜିବିଏ) । ଏନେଇ ସଂଘ କର୍ମକର୍ତ୍ତା ୧୭୮୦୫ ଟଙ୍କା ଗୁରୁବାର ବ୍ରହ୍ମପୁର ଉପଜିଲପାଳଙ୍କୁ ପ୍ରଦାନ କରିଛନ୍ତି । ବନ୍ୟାରେ ଘର ଦ୍ୱାର ହରାଇ ଥିବା ଲୋକଙ୍କୁ ଏହି ଟଙ୍କାରେ ବିଭିନ୍ନ ଖାଦ୍ୟ ସାମଗ୍ରୀ , ଲୁଗା ପଟା କିଣି ସେମାନଙ୍କୁ ଦେବା ପାଇଁ ସଂଘ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି । ତେବେ ଉପଜିଲାପାଳ ଏହି ଟଙ୍କା ଗ୍ରହଣ କରିବା ପରେ କେରଳ ପ୍ରଶାସନକୁ ଏସବୁ ଜିନିଷ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ସଂଘ ସଭାପତି ମୋହନ ସିଂହାରୀ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ଉପସଭାପତି ରବୀନ୍ଦ୍ର କୁମାର ଦେଓ, ଯୁଗ୍ମ ସମ୍ପାଦକ ବାପୁଜୀ ପଟ୍ଟନାୟକଙ୍କ ସମେତ ଏସ. ସୁବୁଦ୍ଧି, ସଞ୍ଜୟ କୁମାର ମିଶ୍ର, ବି. ନାଗେଶ୍ୱର ରାଓ, ସୁଧୀର କୁମାର ପାତ୍ର, ଏସ. ରାମକୁମାର, ବସନ୍ତ ପଣ୍ଡା ଓ ଅସିତ ସାବତ ପ୍ରମୁଖ ଉପସ୍ଥିତ ଥିଲେ ।

■ ବଡ଼ବଜାର ଥାନା ଅଞ୍ଚଳ ପାଲଟିଛି ଅପରାଧୀଙ୍କ ଆଡ୍ଡାସ୍ଥଳୀ

# ବେଆଇନ କାର୍ଯ୍ୟ ଜାଣି ସୁଦ୍ଧା ପୋଲିସ ଚୁପ୍

■ ସୁରକ୍ଷିତ ମଣୁନାହାନ୍ତି ଲୋକେ

■ ପୋଲିସ-ଅଭିଯୁକ୍ତଙ୍କ ମଧୁଚନ୍ଦ୍ରିକା

**ବ୍ରହ୍ମପୁର ଅଫିସ,୨୩।୮**

ବ୍ରହ୍ମପୁର ପୋଲିସ ଜିଲା ବଡବଜାର ଥାନା ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଉକ୍ତ ଅଞ୍ଚଳରେ ବିଭିନ୍ନ ବେଆଇନ କାର୍ଯ୍ୟ ଚାଲିଥିବା ବାରମ୍ବାର ଅଭିଯୋଗ ହେଉଛି । ପୋଲିସ ଜାଣିଶୁଣି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରୁ ନ ଥିବାରୁ ପୋଲିସ-ଅଭିଯୁକ୍ତଙ୍କ ମଧୁଚନ୍ଦ୍ରିକା ପଦାରେ ପଡିଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ସ୍ଥାନୀୟ ବଡବଜାର ଥାନା ଅଞ୍ଚଳରେ। ଏଠାରେ ବାସ କରୁଥିବା ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଜଣାପଡିଛି।

ବ୍ରହ୍ମପୁର ସହର ଏକ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ବିଭିନ୍ନ କାର୍ଯ୍ୟ ନେଇ ଏଠାକୁ ଆସିଥାନ୍ତି । ଏହି ସହର ଦେଇ ଯାଇଥିବା ଜାତୀୟ ରାଜପଥ ଆନ୍ଧ୍ରପ୍ରଦେଶ, ତାଲିମନାଡୁ, ବିଶାଖାପାଟଣା, ବିଜୟୱାଡା ତଥା ଚେନ୍ନାଇ ସହର ସହ ଯୋଡି ହୋଇଛି। ଏଥିସହିତ ସହର ବଙ୍ଗୋପସାଗର ଉପକୂଳଠାରୁ ମାତ୍ର ଅଳ୍ପ ଦୂରରେ ଥିବାରୁ ଜଳପଥରେ ବ୍ରହ୍ମପୁରକୁ ଅବାଧରେ ଯେ କେହି ଯା ଆସ କରିପାରିବ। ଗଞ୍ଜାମ ଜିଲା ବଡଥିବାରୁ ଏହାକୁ ଦୁଇଟି ପୋଲିସ ଜିଲାରେ ବିଭକ୍ତ କରାଯାଇଛି । ଗୋଟିଏ ବ୍ରହ୍ମପୁର ପୋଲିସ ଜିଲା ଅନ୍ୟଟି ଗଞ୍ଜାମ ପୋଲିସ ଜିଲା । ବ୍ରହ୍ମପୁରରେ ରହିଛି ପୋଲିସ ଜିଲା ଏସ୍‌ପିଙ୍କ କାର୍ଯ୍ୟାଳୟ । ସହର ମଧରେ ରହିଛି ୫ ଥାନା। ବୈଦ୍ୟନାଥପୁର ଥାନା, ସଦର ଥାନା, ଟାଉନ ଥାନା, ଗୋଷାଣୀନୂଆଗାଁ ଥାନା, ବଡବଜାର ଥାନା ଓ ମହିଳା ଥାନା। ଏହା ବ୍ୟତୀତ ଆଉ ଏକ ନୂତନ ସାଇବର ଥାନା ମଧ ଖୋଲିଛି। ଏ ସମସ୍ତ ଥାନା ମଧ୍ୟରୁ ବୈଦ୍ୟନାଥପୁର ଥାନା, ଟାଉନ ଓ ବଡବଜାର ଥାନା ଅଞ୍ଚଳରେ ଅଧିକ ଆପରାଧିକ ଘଟଣା ଘଟିଥାଏ। କିନ୍ତୁ ବଡବଜାର ଥାନା ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିବା ପୋଲିସ ଅଣଦେଖା କରିପାରିବ ନାହିଁ । ସହରର ଅର୍ଦ୍ଧାଧିକ ଜନବସତି ଉକ୍ତ ଅଞ୍ଚଳରେ ରହିଛି । ସେହିପରି ସେହି ଅଞ୍ଚଳରେ ବ୍ୟବସାୟୀମାନଙ୍କ ପେଣ୍ଠସ୍ଥଳୀ, ସହରର ବଡ ବଡ ଗୋଦାମ, ଦୋକାନ ଓ କାରଖାନା ଇତ୍ୟାଦି ଗଢି ଉଠିଛି । ସେଠାକୁ ରାଜ୍ୟ ବାହାର ତଥା ଜିଲାର ଲୋକେ ଯାଇଥାନ୍ତି । ହେଲେ ବ୍ୟବସାୟ ନାଁରେ ଉକ୍ତ ଅଞ୍ଚଳରେ ବେଆଇନ କାର୍ଯ୍ୟ, ବ୍ୟବସାୟ ତଥା ନକଲି ବୟ୍ୟସାୟ ଗଢିଚାଲିଛି । ବଡବଜାର ପୋଲିସର କୋହଳ ମନୋଭାବ ଯୋଗୁ ଦିନକୁ ଦିନ ଆପରାଧୀଙ୍କ ସଂଖ୍ୟା ବଢି ଚାଲିଛି । ସୂଚନାନୁସାରେ ଉକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର ନକଲି ଗୁଟ୍‌ଖା ଦୋକାନ ତଥା ଗୋଦାମ ଖୋଲାଯାଇ ପ୍ରତ୍ୟେକ ଦିନ ଗୁଟ୍‌ଖା, ଗୁଡାଖୁ ଓ ସିଗାରେଟ୍ ଭଳି ନିଶାଦ୍ରବ୍ୟ ଜିଲା ତଥା ବାହାରକୁ ପଠାଯାଉଛି । ଏସବୁ କଳାକାରନାମା ବାବଦରେ ସ୍ଥାନୀୟ ପୋଲିସ ଖବର ପାଇପାରୁ ନାହିଁ। ସେହିପରି ଅବକାରୀ ବିଭାଗ ଜ୍ଞାତସାରରେ ସମ୍ପୃକ୍ତ ଅଞ୍ଚଳରେ ଖୋଲିଛି ମାଳମାଳ ଦେଶୀ ବିଦେଶୀ ମଦଭାଟି। ଗତ କିଛି ଦିନ ତଳେ ଭୁବନେଶ୍ୱର କମିଶନରେଟ୍ ପୋଲିସ ବଡବଜାର ଥାନା ଅଞ୍ଚଳରୁ ଏକ ନକଲି ନୋଟ୍ ଛପା କାରଖାନା ଉପରେ ଚଢାଉ କରି ନକଲି ନୋଟ୍ ଜବତ କରିବାସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଦନ୍ତ ସମୟରେ ଜଣାପଡିଥିଲା ନକଲି ନୋଟ୍ ଛପାଉଥିବା ଅଭିଯୁକ୍ତମାନଙ୍କ ଚେର ଭୁବନେଶ୍ୱର, ବାଲେଶ୍ୱର ଓ କଲିକତା ଆଦି ସହର ସହିତ ରହିଛି । ଏତେ ସବୁ ଘଟଣା ପରେ ବ୍ରହ୍ମପୁର ପୋଲିସ ଏ ସମ୍ପର୍କରେ କୌଣସି ସୁରାକ୍ ପାଇପାରି ନ ଥିଲା ।

ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଉକ୍ତ ଅଞ୍ଚଳରେ ବାହାର ରାଜ୍ୟରୁ କେତେକ ଦଲାଲ ଭଡା ଘରେ ରହି ଦେହ ବ୍ୟବସାୟ ଭଳି ବେଆଇନ କାର୍ଯ୍ୟ କରୁଛନ୍ତି । ଗତ କିଛି ଦିନ ତଳେ ଜିଲା ପ୍ରଶାସନ ଦ୍ୱାରା ଉକ୍ତ ଅଞ୍ଚଳରେ ଚଢାଉ କରାଯାଇ କେତେକ ବେଆଇନ ଗୁଟ୍‌ଖା କାରଖାନା ଠାବ କରାଯାଇଥିବା ଉପଜିଲାପାଳ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିବା ବେଳେ ଉକ୍ତ ଅଞ୍ଚଳରେ ଆହୁରି କାରଖାନା ରହିଛି ବୋଲି କହିଥିଲେ । ଏ ସବୁ ବେଆଇନ କାର୍ଯ୍ୟ ଉପରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଅଧିକାରୀମାନେ ରହିଥିଲେ ମଧ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୁକ୍ତମାନଙ୍କ ପ୍ରତି ପୋଲିସର ନରମ ମନୋଭାବ ଥିବା ସ୍ପଷ୍ଟ ହେଉଛି। ଏନେଇ ଆମେ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ପ୍ରଭାତ ଚନ୍ଦ୍ର ରାଉତରାୟଙ୍କୁ ପଚାରିବାରୁ ପୋଲିସ ପକ୍ଷରୁ ଚଢାଉ କରାଯାଉଛି । ଅନେକ ସମୟରେ ସେହିପରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ବିଭାଗ କରୁଛି। ଯଦି କୌଣସି ବ୍ୟକ୍ତି ପୋଲିସକୁ ଗୁପ୍ତ ଖବର ଦିଅନ୍ତି ତେବେ ଆମେ ନାମ ଗୋପନ ରଖି ଚଢାଉ କରି ସେମାନଙ୍କୁ ଧରିବୁ ବୋଲି ସେ ସୂଚନା ଦେଇଛନ୍ତି ।



ବ୍ରହ୍ମପୁର ମହାନଗର ନିଗମ ୨୪ ନମ୍ବର ୱାର୍ଡ଼ ବିଜିପୁରରେ କମ୍ୟୁନିଟି ହଲ୍‌ର ଉନ୍ନତୀକରଣ ପାଇଁ ଭୂମିପୂଜା ଚାଲିଛି। (ଫଟୋ-ସମୀର)

### ଯୁବ ବିଜେଡିର ମାଲକାନଗିରି ବନ୍ୟା ପ୍ରପୀଡ଼ିତଙ୍କୁ ସାହାଯ୍ୟ

**ବ୍ରହ୍ମପୁର ଅଫିସ୍,୨୩।୮**

ବ୍ରହ୍ମପୁର ମହାନଗର ଯୁବ ଜନତା ଦଳ ପକ୍ଷରୁ ମାଲକାନଗିରି ବନ୍ୟା ପ୍ରପିଡ଼ିତଙ୍କୁ ସାହାଯ୍ୟ ପ୍ରଦାନ କରାଯାଇଥିଲା । ୫୦ ବସ୍ତା ଚାଉଳ, ୨୫୦ କିଲୋ ଚୁଡ଼ା, ଲକ୍ଷାଧିକ ଟଙ୍କା ତାରପୋଲିନ୍, ୫ଶହ ଚାଦର, ୫୦ହଜାର ଟଙ୍କାର ଛୋଟ ଓ ବଡ଼ ଲୋକମାନଙ୍କ ପାଇଁ ଲୁଗା, ୩ହଜାର ପ୍ୟାକେଟ୍ ବିସ୍କୁଟ, ୨ଶହ କିଲୋ ଗୁଡ଼ ଏବଂ ଆଳୁ ୧୧ ବସ୍ତା ସହ ଖାଦ୍ୟ ସାମଗ୍ରୀ ଟ୍ରକ୍ ମାଧ୍ୟମରେ ପଠାଯାଇଛି । ମହାନଗର ଯୁବ ଜନତା ଦଳ ସଭାପତି ମୁକୁନ୍ଦ ଗୌଡ଼ ଓ ଉପସଭାପତି ଆର୍. ମୂରଲୀ ମୋହନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣାଙ୍କ ସମେତ ବିଧାୟକଙ୍କ ପ୍ରତିନିଧି କେ. ଅନିଲ କୁମାର, ମହାନଗର ଯୁବ ବିଜେଡ଼ି କର୍ମକର୍ତ୍ତା ରାଜେଶ୍ୱର ବେହେରା, ଚେତନ କୁମାର ଚୌଧୁରୀ, ଏମ୍. ରବି, ପ୍ରସନ୍ନ କୁମାର ଗନ୍ତାୟତ, ୱାଇ. ପ୍ରକାଶ ନାଇଡୁ, ଚୁନା ମହାରଣା, କେ. ରବି, ଆର୍. କ୍ରିଷ୍ଣା ରେଡ୍ଡୀ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଅଭିନ୍ନ ସୁନ୍ଦର ବେହେରା, ପ୍ରଦୀପ ନାୟକ, ଏଲ୍. ରବି, ମିର୍ଜା ଜାୱେଦ ବେଗ୍, ଅରୁଣ କୁମାର ଗରୁଡ଼, ଶିବା ରାଓ, ହରିଶ୍ଚନ୍ଦ୍ର ସେଠୀ, ଅନିଲ ଚୌଧୁରୀ, ଦିଲୀପ ପାତ୍ର ଓ କେ. ମୁନା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ, ୧୦ ଗିରଫ

**ବ୍ରହ୍ମପୁର ଅଫିସ,୨୩।୮**

ଗଞ୍ଜାମ ଜିଲାରେ ସାଧାରଣତଃ କୁମାର ପୂର୍ଣ୍ଣିମାରେ ଜୁଆ ବା ତାସ ଖେଳ ହୋଇଥାଏ। ଗୁରୁବାର ବ୍ରହ୍ମପୁର ସହରରେ ଏକ ବଡ ଧରଣରେ ଜୁଆ ଖେଳ ଚାଲୁଥିବା ପୋଲିସ ଖବର ପାଇ ଚଢାଉ କରି ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ୍ କରିବା ସହ ମୋଟ୍ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ଆଙ୍କୁଲି ଅଞ୍ଚଳର ଦୁଷ୍ମନ୍ତ ପଣ୍ଡା, କୁମ୍ଭାର ସାହି ଅଞ୍ଚଳର ଶ୍ରୀନିବାସ ଜେନା, କଳ୍ପତରୁ ଷ୍ଟ୍ରିଟ୍ ଅଞ୍ଚଳର ଶ୍ୟାମ ସୁନ୍ଦର ସାହୁ, ଶାସ୍ତ୍ରୀ ନଗର ଅଞ୍ଚଳର ପ୍ରଦୀପ କୁମାର ମିଶ୍ର, ପୁରୁଣା ବ୍ରହ୍ମପୁର ଅଞ୍ଚଳର ଲିଙ୍ଗରାଜ ସାବତ୍, ଗୋଷାଣୀ ନୂଆଗାଁ ପାଣିଗ୍ରାହୀ ଷ୍ଟ୍ରିଟ୍‌ର ଜଗନ୍ନାଥ ସାହୁ, ବଡବଜାରର ବିଦ୍ୟାଧର ସାହୁ, ଗୋଷାଣୀ ନୂଆଗାଁ ତୋଟା ସାହିର ସନ୍ତୋଷ କୁମାର ପାଢୀ, ସେହି ଅଞ୍ଚଳର ଅମିୟ ଦାସ ଓ ପାଣିଗ୍ରାହୀ ସାହିର ବୀରେନ୍ଦ୍ର କୁମାର ସାହୁ। ସ୍ଥାନୀୟ ଅନନ୍ତନଗର ଏସ୍‌ବିଆଇ ଟ୍ରାଞ୍ଜିଟ୍ ହାଉସ ତଳ ତାଲାରେ ଏକ ଘରେ ଜୁଆ ଖେଳ ଚାଲିଥିବା ପୋଲିସ ଖବର ପାଇଥିଲା । ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଅନ୍ୟ ଅଧିକାରୀମାନେ ସେଠାରେ ଚଢାଉ କରିଥିଲେ। ସେଠାରୁ ୪ ଲକ୍ଷ ୫ ହଜାର ୬୪୨ ଟଙ୍କା, ତାସ ପାଲି ଓ ୧୧ ମୋବାଇଲ ଫୋନ ଜବତ କରିଥିଲା । ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ବୈଦ୍ୟନାଥପୁର ଥାନାଧିକାରୀ ଜୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

**ଜୁଆ ଆଡ୍ଡାରେ ଚଢାଉ**



ଜବତ ହୋଇଥିବା ମୋବାଇଲ ଫୋନ ଓ ଟଙ୍କା ସହ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ।

# ବିଶ୍ୱ ଭିନ୍ନକ୍ଷମ ଦିବସରେ ଅସ୍ଥି ପରୀକ୍ଷା



ଶିବିରରେ ଅସ୍ଥି ପରୀକ୍ଷା କରାଯାଉଛି।

**ବ୍ରହ୍ମପୁର ଅଫିସ୍,୨୩।୮**

ମାରୱାଡ଼ି ମହିଳା ସମିତି ପକ୍ଷରୁ ଚତୁର୍ଭୁଜ ଧର୍ମଶାଳାରେ ବିଶ୍ୱ ଭିନ୍ନକ୍ଷମ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଅସ୍ଥି ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଡା. ଭାରତୀ ମିଶ୍ର ଅସ୍ଥି ପରୀକ୍ଷା କରିଥିଲେ । ଋଷିକେଶ ବାଡ଼ତ୍ୟା ଏବଂ ନଗେନ୍ଦ୍ର ନାଥ ସହଯୋଗ କରିଥିଲେ । ଏଥିରେ ପ୍ରାୟ ଶହେ ଜଣ ଭାଗନେଇ ଅସ୍ଥି ପରୀକ୍ଷା କରିଥିଲେ । ମହିଳା ସମିତି ସଭାନେତ୍ରୀ ମମତା ଚୌଧୁରୀ, ସମ୍ପାଦିକା ରୁବି ଖେମାନୀ, ବୀଣା ବାଗେଡ଼ିଆ, ସୁନୀତା ସରାଫ, ପ୍ରମିଳା ସରାଫ, ସୀମା ଚୌଧୁରୀ, ଇନ୍ଦୁ ଅଗ୍ରୱାଲ, ଇନ୍ଦି ସରାଫ, ଦୁର୍ଗା ଚୌଧୁରୀ, ଲକ୍ଷ୍ମୀ ଲୋହିୟା ଏବଂ ଅନ୍ୟା ସଦସ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ନାଟକ ତିତଲି ମଞ୍ଚସ୍ଥ

**ବ୍ରହ୍ମପୁର ଅଫିସ,୨୩।୮**

ପରିବାର ପାଇଁ ସର୍ବଦା ଝିଅର ତ୍ୟାଗ ଓ ଅବଦାନ ଅତୁଳନୀୟ । ଝିଅଟିଏ ନିଜର ପରିବାର ପାଇଁ ଯେ କୌଣସି ପରିସ୍ଥିତିର ସାମ୍ନାକରିବାକୁ ପଛାଇ ନ ଥାଏ । ପରିବାର ପାଇଁ ସବୁ ଦୁଃଖକୁ ହସି ହସିସହି ନିଏ । ନିଜ ପରିବାର ପାଇଁ ଏକ ଝିଅ ସଂଘର୍ଷ କାହାଣୀକୁ ନେଇ ଗୁରୁବାର ଡାଇମଣ୍ଡ ଜୁବିଲି ଟାଉନହଲରେ ମଞ୍ଚସ୍ଥ ହୋଇଥିଲା ନାଟକ 'ତିତଲି' । ଅଭିନୟ ଜଗତ ଓ ଓଡିଶା ନାଟକ ସମାରୋହ ସମିତି ଓ ନାଟ୍ୟଶ୍ରୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ନାଟକରେ ଝିଅର ସଂଘଷ କାହାଣୀ ପ୍ରଦର୍ଶିତ ହୋଇଥିଲା । ନାଟ୍ୟକାର ରଞ୍ଜିତ ପଟ୍ଟନାୟକଙ୍କ ଦ୍ୱାରା ରଚିତ ଏବଂ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ ଓ ସତ୍ୟବ୍ରତ ଦାଶଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକରେ କାହ୍ନୁ ପାତ୍ର ସଙ୍ଗୀତ ସଂରଚନା କରିଥିଲେ । ରମେଶ ରଣା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ସୁବୋଧ ପଟ୍ଟନାୟକ, ଇଂ ମାନୋଜ କୁମାର ଦଣ୍ଡପାଟ, ଡ. ମିହିର ତ୍ରିପାଠୀ, ଆଶେକ ବ୍ରହ୍ମା, ବି. ଶେଖର ପଟ୍ଟନାୟକ, ସମିତ ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ଆରତୀ ପାତ୍ର, ସଚ୍ଚି ସାରେଗାମା ପ୍ରମୁଖ ଅଭିନୟ କରିଥିଲେ। ବସନ୍ତ କୁମାର ପାଣିଗ୍ରାହୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଡା. ତିରୁପତି ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଜେଡି ଜିଲା ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଭିନେତା ଦେବୁ ବୋଷଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ବଲିଉଡ୍ କଳାକାରଙ୍କ ବ୍ରହ୍ମପୁର ନାମକୁ ବିକୃତ ଉଚ୍ଚାରଣ

# ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ବିରୋଧ

**ବ୍ରହ୍ମପୁର ଅଫିସ,୨୩।୮**

ଆସନ୍ତା ୩୧ ସ୍ୱାୟତ୍ତ ଶାସନ ଦିବସ । ଏନେଇ ବ୍ରହ୍ମପୁର ମହନଗର ନିଗମ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉତ୍ସବରେ ବଲିଉଡ୍ ତାରକାମାନଙ୍କୁ ବିଏମ୍‌ସି ନିମନ୍ତ୍ରଣ କରିଛି । ଉତ୍ସବକୁ ବଲିଉଡ୍ ତାରକା ଜରିନ ଖାନ୍ ଓ ଗାୟକ ବିନୋଦ ରାଠୋଡ ପ୍ରମୁଖ ଆସୁଥିବାର ଏକ ଛୋଟ ଭିଡିଓ କ୍ଲିପିଂ ପ୍ରସ୍ତୁତ କରି ଦେଇଛନ୍ତି । ଯେଉଁ ଭିଡଓ କ୍ଲିପିଂଗୁଡିକ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ବଲିଉଡ ନାୟିକା ଜରିନ ଖାନ ତାଙ୍କ ସ୍ୱାଗତ ଭାଷଣରେ ବ୍ରହ୍ମପୁର ବୋଲି କହିବା ଜାଗାରେ ତାକୁ ବିକୃତ କରି ବ୍ରେହ୍ମପୁର ବୋଲି ଉଚ୍ଚାରଣ କରୁଛନ୍ତି। ଯାହାକୁ ନେଇ ସହରର ବିଭିନ୍ନ ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରିବା ସହିତ ବ୍ରହ୍ମପୁର ନାଁକୁ ଠିକ୍ ଭାବେ ଉଚ୍ଚାରଣ କରିବାକୁ ଦାବି କରାଯାଇଛି । ମାନବ ସୁରକ୍ଷା ମଞ୍ଚ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରିବା ସହିତ ବ୍ରହ୍ମପୁର ସହରର କଳା, ସଂସ୍କୃତି ଓ ଐତିହାସିକ ସହର । ଓଡିଆ ଭାଷା ସାହିତ୍ୟର ଏନ୍ତୁଡିଶାଳ । ବ୍ରହ୍ମପୁର ସହର ନାମ ପଛରେ କେତେ ଯେ କାରଣ ରହିଛି, ତାହା ବାହାରର ଲୋକେ ବୁଝିବା ସହଜ ନୁହେଁ ବୋଲି ମଞ୍ଚ କହିଛି । ଓଡିଶାରେ ଲୋକକଳା ଓ ନୃତ୍ୟ କଳାକାର ଭର୍ତ୍ତି ହୋଇ ଥିବା ବେଳେ ବିଏମସି ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କ ପଛରେ ଖର୍ଚ୍ଚ କରୁଛି। ସେମାନେ ଆମ ଗୌରବ ସହର ବ୍ରହ୍ମପୁର ନାଁକୁ ବିକୃତ କରୁଛନ୍ତି । ଯାହା ସାଧାରଣରେ ବ୍ରହ୍ମପୁର ବାସୀଙ୍କ ପାଇଁ ଏକ ଲଜ୍ଜା ଜନକ ବିଷୟ । ତେଣୁ ବିଏମ୍‌ସି କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ନେଇ ଉକ୍ତ ଭିଡିଓରେ ବ୍ରହ୍ମପୁର ନାମକୁ ଠିକ୍ ଭାବେ ଉଚ୍ଚାରଣ କରି ଛାଡିବା ପାଇଁ ମାନବ ସୁରକ୍ଷା ମଞ୍ଚ ତରଫରୁ ଅବନୀ ଗୟା ଓ ବରିଷ୍ଠ ସମାଜସେବୀ ଭାଲଚନ୍ଦ୍ର ଷଡଙ୍ଗୀ କହିଛନ୍ତି।

# କେରଳ ବନ୍ୟାପୀଡ଼ିତଙ୍କ ପାଇଁ ପଦଯାତ୍ରା

**ବ୍ରହ୍ମପୁର ଅଫିସ,୨୩।୮**

କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ପୀଡିତମାନଙ୍କୁ ସାହାଯ୍ୟର ହାତ ବଢାଇବା ପାଇଁ ଗୁରୁବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ କମାପଲ୍ଲୀଛକରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ପଥିକମାନଙ୍କୁ କେରଳ ପୀଡ଼ିତଙ୍କୁ ସହଯୋଗର ହାତ ବଢାଇବାକୁ ନିବେଦନ କରିଥିଲେ । ସେମାନଙ୍କ ବିପଦ ସମୟରେ ଆମେ ସମସ୍ତେ ଏକତ୍ର ହୋଇ ସାହାଯ୍ୟ ସହଯୋଗ କରିବା ବୋଲି ମଞ୍ଚ କର୍ମକର୍ତ୍ତା ଅବନୀ ଗୟା, ଇ. ତେଜେଶ୍ୱର ରାଓ, ବଂଶୀଧର ଭୂୟାଁ, ସୁଧୀର କୁମାର ସାବତ, ରାଜା ସୁରେଶ, ଜି. ଅର୍ପିତା ପ୍ରିୟଦର୍ଶନୀ, ସୁକାନ୍ତ କୁମାର ଗୌଡ, ଏସ୍. ସାମ୍ବ ଶିବ ରାଓ ଏବଂ ମାଗୁଣି ନାହାକ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ ।




ମାନବ ଅଧିକାର ମଞ୍ଚ ପକ୍ଷରୁ ବାହାରିଥିବା ପଦଯାତ୍ରା ।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ କଲେଜ ଅଧକ୍ଷଙ୍କ ବୈଠକ

# ମହାବିଦ୍ୟାଳୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୩।୮**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷଙ୍କର ଏକ ସ୍ୱତନ୍ତ୍ର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଏକକ ଅନୁଷ୍ଠାନ ନୁହେଁ । ଏହା ଅନ୍ତର୍ଗତ କଲେଜଗୁଡିକ ବିନା ବିଶ୍ୱବିଦ୍ୟାଳୟ ଅଧୁରା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ସୁଦୃଢ କରିବାକୁ ହେଲେ ମହାବିଦ୍ୟାଳୟ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ଆବଶ୍ୟକ । ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ବୃଦ୍ଧି କରିବା ଦିଗରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ କୁଳପତି ଆହ୍ୱାନ ଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ କରିବା ଦିଗରେ ଉତ୍ସାହିତ କରିବାକୁ ସେ ଅଧକ୍ଷଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପରମେଶ୍ୱରନ ବି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସିବିସିଏସ ସିଷ୍ଟମ ଉପରେ ଆଲୋଚନା କରିଥିଲେ । ଛାତ୍ରୀଛାତ୍ରଙ୍କ ଇଂଲିଶ ଓ ଗଣିତ ବିଷୟ ସମ୍ପର୍କରେ ଜ୍ଞାନ ବୃଦ୍ଧି ପାଇଁ ଆଗାମୀ ଦିନରେ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ଅଧାପକମାନେ ଶିକ୍ଷାଦାନ ସମୟରେ ଇଂଲିଶ ଭାଷାରେ ପଢାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପିଜି କାଉନସିଲ ଅଧକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଓ କୁଳସଚିବ ରଞ୍ଜନ ବିଶ୍ୱାଳ ମଞ୍ଚାସୀନ ଥିଲେ । କଲେଜ ଉନ୍ନୟନ ପରିଷଦ ନିର୍ଦ୍ଦେଶିକା ପ୍ରଫେସର ଅରୁନ୍ଧତୀ ରଥ ଏଥିରେ ଅଧକ୍ଷତା କରିଥିଲେ । ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଅଧକ୍ଷା ଅଧକ୍ଷ ଯୋଗ ଦେଇଥିଲେ । ପରୀକ୍ଷା ନିୟନ୍ତ୍ରକ ଡ. ସରୋଜ କୁମାର ମହାପାତ୍ର ପରୀକ୍ଷା ପରିଚାଳନା, ଫଳ ପ୍ରକାଶରେ ଥିବା ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ । ଆଇକ୍ୟୁଏସି ସେଲର ନିର୍ଦ୍ଦେଶକ ପ୍ରଫେସର ପ୍ରତାପ କୁମାର ମହାନ୍ତି ନାକ ସ୍ୱୀକୃତି ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।



ବୈଠକରେ ଉପସ୍ଥିତ ଅଧକ୍ଷା ଅଧକ୍ଷ ।

## ସଂକ୍ଷେପରେ

### ପରିବହନ କର୍ମଚାରୀଙ୍କ ଆନ୍ଦୋଳନକୁ ହିନ୍ଦ୍ ମଜଦୁର ସଭାର ସମର୍ଥନ

**ବ୍ରହ୍ମପୁର ଅଫିସ୍,୨୩।୮:** ବିଭିନ୍ନ ଦାବି ନେଇ ରାଜ୍ୟ ସଡ଼କ ପରିବହନ ନିଗମ କର୍ମଚାରୀ ମହାସଂଘ ପକ୍ଷରୁ ମଙ୍ଗଳବାରରୁ ୩ ଦିନିଆ ଆନ୍ଦୋଳନ ଆରମ୍ଭ ହୋଇଛି । ବୁଧବାର ଦ୍ୱିତୀୟ ଦିନରେ ହିନ୍ଦ୍ ମଜଦୁର ସଭା ନେତା ରବି ରଥ ଆନ୍ଦୋଳନ ସ୍ଥଳକୁ ଯାଇ ଆଲୋଚନା କରିଥିଲେ । କର୍ମଚାରୀଙ୍କ ଦାବିକୁ ସମର୍ଥନ କରିଥିଲେ । ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ପଦକ୍ଷେପ ନେବାକୁ ଦାବି କରିଥିଲେ। ସଂଗଠନ ନେତା ବାବୁଲା ପ୍ରଧାନ, ଅରୁଣ ପାଢ଼ୀ, ଭଗବାନ ଗୌଡ଼, ଟି. ସୀମାଞ୍ଚଳ ଓ ରବି ସାମନ୍ତରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଗୁରୁବାର ଯାଏ ଆନ୍ଦୋଳନ ଚାଲିବ ବୋଲି ସାଧାରଣ ସମ୍ପାଦକ ଅରୁଣ ପାଢ଼ୀ ପ୍ରକାଶ କରିଛନ୍ତି । ଠିକା କର୍ମଚାରୀଙ୍କୁ ନିୟମିତ କରିବା, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମାନ କାମକୁ ସମାନ ଦରମା ପ୍ରଦାନ, ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ବନ୍ଦ ଆଦି ଦାବି ନେଇ ଆନ୍ଦୋଳନ ଚାଲିଛି ।

### ପ୍ରଫେସରଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର ଅଫିସ,୨୩।୮:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପ୍ରଫେସର ବିଷ୍ଣୁ ପ୍ରସାଦ ପଣ୍ଡାଙ୍କର ବୁଧବାର ମୃତ୍ୟୁ ଘଟିଛି। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ, କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ଉପକୁଳ ସଚିବ ଡ. ବାବୁଜୀ ସାମଲ, ଇତିହାସ ବିଭାଗ ମୁଖ୍ୟ ଡ. ସଦାନନ୍ଦ ନାୟକ, ଶିକ୍ଷକ କର୍ମଚାରୀ ସଂଘ ସଭାପତି ପ୍ରଫେସର ସତ୍ୟନାରାୟଣ ପାଠୀ, ସମ୍ପାଦକ ଡ. ପଦ୍ମନାଭ ସାମନ୍ତ, ପୂର୍ବତନ ସଭାପତି ପ୍ରଫେସର କାଳୀଚରଣ ସାହୁ, ପ୍ରଫେସର ସ୍ମୃତି ଦାଶ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ ସ୍ୱଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ ।

### କୈଳାସ ଚନ୍ଦ୍ର ମିଶ୍ର ସ୍ମୃତି ପାଠାଗାର ଉଦ୍‌ଘାଟିତ

**ଶଙ୍କରାଖୋଲ,୨୩।୮(ଡି.ଏନ.ଏ.):** କନ୍ଧମାଳ ଜିଲା ଚକାପାଦ ବ୍ଲକ ଲାଇନପଡାଠାରେ ଥିବା କେଆଇଜିଏମ୍ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଅଧାପକ ✓ କୈଳାସ ଚନ୍ଦ୍ର ମିଶ୍ରଙ୍କ ନାମରେ ସ୍ମୃତି ପାଠାଗାର ବୁଧବାର ଉଦଘାଟିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ସଚ୍ଚିଦାନନ୍ଦ ପ୍ରଧାନ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଦୁଗୁନି କହଁର, ମୁଖ୍ୟବକ୍ତା ବ୍ଲକ ଅଧକ୍ଷ ପ୍ରଭଞ୍ଜନ କହଁର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ନିର୍ମଳା ସାହୁ, ଖଜୁରିପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେନ୍ଦ୍ର କୁମାର ସାମନ୍ତରା ଯୋଗ ଦେଇଥିଲେ । ଇତିହାସ ବିଭାଗର ଅଧାପକ ଡ. ତ୍ରୈଲୋକ୍ୟନାଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡିଆ ଅଧାପକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ପାଇଁ କମନରୁମ, ଡିଗ୍ରୀ ମହାବିଦ୍ୟାଳୟ ଆବଶ୍ୟକ ଶ୍ରେଣୀଗୃହ, ମହାବିଦ୍ୟାଳୟର ଦୁଇ ପାର୍ଶ୍ୱ ଓ ପଛପାଖରେ ପାଚେରୀ ନିର୍ମାଣ, ଖେଳ ପଡିଆ ନିର୍ମାଣ ପାଇଁ ଉପସ୍ଥାପନ କରାଯାଇ ବିଧାୟକଙ୍କ ଅତିଥି ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଅର୍ଥଶାସ୍ତ୍ର ବିଭାଗର ଅଧାପକ ପ୍ରଶ୍ନ ପଟ୍ଟନାୟକ ସହଯୋଗ କରିଥିଲେ।

### ବିଶ୍ୱକବିତା ଦିବସ ପାଳିତ

**ଖଲ୍ଲିକୋଟ,୨୩।୮(ଡି.ଏନ୍.ଏ.):** ଖଲ୍ଲିକୋଟ ବ୍ଲକ ମଥୁରା ପଞ୍ଚାୟତର ବାତ୍ୟା ଅଶ୍ରୟସ୍ଥଳି ପରିସରରେ ମଙ୍ଗଳବାର ଖଲ୍ଲିକୋଟ ଭକ୍ତି ନୈବେଦ୍ୟ ଭଜନ ମଞ୍ଚ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଉକ୍ତ ବ୍ଲକର ଏବିଡିଓ ଗଗନ ବିହାରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଞ୍ଚଳର ବହୁ କଳାକାର ଉପସ୍ଥିତ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ କବିତା ମାଧମରେ ପୁରପଲ୍ଲିରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବାର ମତ ଦେଇଥିଲେ। ସରକାରୀ ସ୍ତରରେ ଏଭଳି ସଙ୍ଗଠନକୁ ସହଯୋଗ ମିଳିଲେ ଏହା ଆଗକୁ ବଢ଼ିପାରନ୍ତା ବୋଲି ଉପସ୍ଥିତ ସଭ୍ୟ ପ୍ରକାଶ କରିଥିଲେ। କବିତା ଦିବସରେ ବହୁ କାବ୍ୟ ଓ କବିତା ଗାନ ହୋଇଥିଲା।

■ ପ୍ରସୂତି ମୃତ୍ୟୁ ଘଟଣା: ଖବରଦାତା ସମ୍ମିଳନୀରେ ସୂଚନା ଦେଲା ପୋଲିସ

# ତଣ୍ଟି ଚିପି ହତ୍ୟା କରିଥିଲେ ସ୍ୱାମୀ

**ବ୍ରହ୍ମପୁର ଅଫିସ,୨୩।୮**



ପ୍ରଫୁଲ୍ଲଙ୍କୁ ପୋଲିସ ଗିରଫ କରିଛି ।

ଗତ ୫ ତାରିଖରେ ବୈଦ୍ୟନାଥପୁର ଥାନା ଖୋଡାସିଙ୍ଗି ଅଞ୍ଚଳରେ ରହୁଥିବା ପାତ୍ରପୁର ବ୍ଲକ ଶ୍ରୀରାମପୁର ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ସ୍ତ୍ରୀ ପ୍ରସୂତି ଥିବା ସମୟରେ ତାଙ୍କର ସନ୍ଦେହ ଜନକ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ବୈଦ୍ୟନାଥପୁର ପୋଲିସ ସ୍ୱାମୀଙ୍କ ବୟାନକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୃକ୍ତ ମହିଳାଙ୍କର ସ୍ୱାଭାବିକ ମୃତ୍ୟୁ ନୁହେଁ ବରଂ ଘରୋଇ କଳହରୁ ତଣ୍ଟିଚିପି ହତ୍ୟା କରାଯାଇଥିବା ପୋଲିସ ଜାଣିପାରି ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବା ଗୁରୁବାର ବୈଦ୍ୟନାଥପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟାଉନ ଏସ୍‌ଡିପିଓ ପ୍ରଭାତ ଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ସ୍ଥାନୀୟ ଖୋଡସିଙ୍ଗି ରାଜୀବନଗର ଚତୁର୍ଥ ଗଳିରେ ଥିବା ଜରଡା ଥାନା ସୁରଙ୍ଗୀ ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଶ୍ରୀରାମପୁର ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ବ୍ରହ୍ମପୁର ଖୋଡାସିଙ୍ଗି ଅଞ୍ଚଳରେ ଥିବା ତାଙ୍କ ଘରେ ତାଙ୍କର ଦ୍ୱିତୀୟ ସ୍ତ୍ରୀ ସୁଭଦ୍ରା ପ୍ରଧାନ ଓ ତାଙ୍କର ୮ ବର୍ଷର ଝିଅ ରୁହନ୍ତି। ସୁଭଦ୍ରା ପୁଣିଥରେ ପ୍ରସୂତି ଥିବାରୁ ଗତ ୫ତାରିଖରେ ତାଙ୍କର ଯନ୍ତ୍ରଣା ହୋଇଥିଲା । ସ୍ୱାମୀ ପ୍ରଫୁଲ୍ଲ ଆମ୍ବୁଲାନ୍ସରେ ମେଡିକାଲ ନେବାକୁ ବାହରୁଥିବା ସମୟରେ ସୁଭଦ୍ରାଙ୍କର ମୃତ୍ୟୁ ହୋଇଥିଲା । ତେଣୁ ପ୍ରଫୁଲ୍ଲ ସେହିଦିନ ଉକ୍ତ ଆମ୍ବୁଲାନ୍ସ ଯୋଗେ ମୃତଦେହ ଚିକିଟିକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ନେଇ ଯାଉଥିଲେ । ଠିକ୍ ଏହି ସମୟରେ ଚିକିଟି ଫାଣ୍ଡି ପୋଲିସ ଗାଡିରେ ମୃତଦେହ ଯାଉଥିବା ଜାଣି ପାରି ଅଟକାଇ ପଚରା ଉଚରା କରିବା ସହ ବୈଦ୍ୟନାଥପୁର ପୋଲିସକୁ ଜଣାଇଥିଲା । ଥାନାଧିକାରୀ ଜୟ କୁମାର ପଟ୍ଟନାୟକ ପ୍ରଫୁଲ୍ଲଙ୍କୁ ଥାନାକୁ ଡକାଇ ପଚରା ଉଚରା କରି ଏକ ଅପମୃତ୍ୟୁ ମାମଲା ନଂ. ୧୭୫/୧୮ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ ମେଡିକାଲ ପଠାଇଥିଲା । ରିପୋର୍ଟ ଆସିବା ପରେ ସୁଭଦ୍ରାଙ୍କୁ ପ୍ରଫୁଲ୍ଲ ମାରିଥିବା ଜଣାପଡିଥିଲା। ଯାହାକୁ ନେଇ ବୈଦ୍ୟନାଥପୁର ପୋଲିସ ପୁଣିଥରେ ଉକ୍ତ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲାରେ ବଦଳାଇ ଏହାର ତଦନ୍ତ ଆରମ୍ଭ କରିଥିଲା । ୱାରେଣ୍ଟ ବଳରେ ସ୍ୱାମୀ ପ୍ରଫୁଲ୍ଲଙ୍କୁ ଗୁରୁବାର ଗିରଫ କରିଥିବା ମାମଲାର ତଦନ୍ତ ଅଧିକାରୀ ସବିତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

## ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ଚାରାରୋପଣ




କାର୍ଯ୍ୟକ୍ରମରେ ଉପସ୍ଥିତ ଫାଉଣ୍ଡେଶନର କର୍ମକର୍ତ୍ତା, ଛାତ୍ରୀଛାତ୍ର ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୨୩।୮**

ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ପକ୍ଷରୁ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ଚାରରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଫାଉଣ୍ଡେଶନ ଅଧକ୍ଷ ସୁଧୀର କୁମାର ରାଉତ, ଅନୁଷ୍ଠାନର ବରିଷ୍ଠ ସ୍ୱେଚ୍ଛାସେବୀ ତଥା ଶିକ୍ଷାବିତ ଶ୍ୟାମ ସୁନ୍ଦର ଖାଡଙ୍ଗା ଯୋଗ ଦେଇଥିଲେ । ମହାବିଦ୍ୟାଳୟ ସହ ପ୍ରାଧାପକ ଡ. ଚିତ୍ତରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ କ୍ୟାମ୍ପସରେ ବିଭିନ୍ନ ପ୍ରକାରର ୨୦୦୦ ଚାରା ରୋପଣ କରାଯାଇଥିଲା। ଆସନ୍ତା ଏକ ସପ୍ତାହ ମଧ୍ୟରେ ଆଉ ୧୦୦୦ ଚାରାରୋପଣ କରାଯିବାର କାର୍ଯ୍ୟକ୍ରମ ଥିବା ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସ୍ୱେଚ୍ଛାସେବୀ ସୁକାନ୍ତ ଗୌଡ, ମାଧବ ନାୟକ, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ଭୀମରାଜୁ ପାତ୍ର, କେ. ଘନଶ୍ୟାମ, ମନୋଜ ଡାକୁଆ, ଜିତେନ୍ଦ୍ର ସାହୁ, ପ୍ରକାଶ ରାଓ, ଦୀପକ ସାମଲ ଓ କେ. ଅବିନାଶ ପ୍ରମୁଖ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ ସହଯୋଗ କରିଥିଲେ ।

## ଦିବ୍ୟଜୀବନ ସଂଘର ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୩।୮**

ଦିବ୍ୟଜୀବନ ସଂଘ ଆଙ୍କୁଲି ଶାଖା ଶିଳ୍ପାଞ୍ଚଳ ରଘୁନାଥ ମନ୍ଦିର ପକ୍ଷରୁ ଶ୍ରାବଣ ମାସ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ଗୁରୁପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ପ୍ରବଚନ କାର୍ଯ୍ୟକ୍ରମକୁ ଶ୍ରୀଧର ଦାଶ ପରିଚାଳନା କରୁଥିବା ବେଳେ ପ୍ରବାଚକ ତଥା ଶାଖାର ସମ୍ପାଦକ ସୂର୍ଯ୍ୟନାରାୟଣ ଦାଶ ସଂଯୋଜନା କରିଛନ୍ତି। ଆସନ୍ତା ରାଖୀ ପୂର୍ଣ୍ଣିମାରେ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ମମତା ପଟ୍ଟନାୟକ, ସବିତା ସାବତ, ତ୍ରିବେଣୀ ପାତ୍ର, ଲଳିତ ମୋହନ ସେଠୀ, ପ୍ରଦୀପ କୁମାର ମଲ୍ଲିକ, ଦଣ୍ଡପାଣି ସେଠୀ, ହରେକୃଷ୍ଣ ମହାରଣା, ପି. ଗିରିଧାରୀ ରେଡ୍ଡୀ, ଉପେନ୍ଦ୍ର ସାହୁ, ଖାଲି ବିଷୋୟୀ, ଏଲ. ଜଗନ୍ନାଥ ଦାଶ, ବୃନ୍ଦାବନ ସାବତ ଓ ରବିନାରାୟଣ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

## ସମା ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀକଲ୍ୟାଣ ସମିତି ବୈଠକ

**ପୁରୁଷୋତ୍ତମପୁର,୨୩।୮(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ବ୍ଲକ ସମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତିର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ରବୀନ୍ଦ୍ରନାଥ ଗନ୍ତାୟତ ସଂଯୋଜନା କରିଥିବାବେଳେ ରୋଗୀକଲ୍ୟାଣ ସମିତିର ଅଧକ୍ଷା ତଥା ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା ପୌରହିତ୍ୟ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେଲା ଡାକ୍ତର ପଦବୀ ଖାଲି ପଡିଛି। ସରକାର ଡାକ୍ତର ନିଯୁକ୍ତି ନ ଦେଇ ଆୟୁଷ ଡାକ୍ତର ମାଧ୍ୟମରେ କାମ ଚଳାଉଛନ୍ତି। ତେବେ ରୋଗୀଙ୍କୁ ଆୟୁର୍ବେଦ ଔଷଧ ମିଳିପାରୁନାହିଁ। ଦୀର୍ଘ ୪ବର୍ଷ ହେଲା ଔଷଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନ ଥିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ତୁରନ୍ତ ଡାକ୍ତର ନିଯୁକ୍ତି ଲାଗି ଦାବି ହୋଇଥିଲା। ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ଲାଗି ଅନୁଦାନ ଆସିଥିଲେ ସୁଦ୍ଧା ଜମି ଚିହ୍ନଟ ହୋଇପାରୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ର କୋଠା ଛାତର ମରାମତି ସହ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚ୍‌ଇଓ ନମିତା ପାତ୍ର, ଅଶୋକ ତ୍ରିପାଠୀ, ଫାର୍ମାସିଷ୍ଟ ରମେଶ ମହାରଣା, ସ୍ୱାସ୍ଥ୍ୟକର୍ମୀ ଅଳକା ମିଶ୍ର, ସଞ୍ଜୟ ରେଡ୍ଡୀ ଓ ଭାଗିରଥୀ ପଲେଇ ପ୍ରମୁଖ ଯୋଗ ଦେଇଥିଲେ।

## ୨୫ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି

**ବ୍ରହ୍ମପୁର ଅଫିସ୍,୨୩।୮**

ବ୍ରହ୍ମପୁର ସହରରେ ପ୍ରଥମ ଥର ପାଇଁ ୨୫ଫୁଟ ଉଚ୍ଚର ଏକ ଗଣେଶ ମୂର୍ତ୍ତି ନିର୍ମାଣ ହେଉଛି । ସ୍ଥାନୀୟ ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଏହା ନିର୍ମାଣ କରାଯାଇଛି । ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ଚଳିତ ଥର ମୁମ୍ବାଇ ଢ଼ାଞ୍ଚାରେ ସାଜସଜ୍ଜା କରାଯାଇଛି । ଲାଲ୍‌ବାଗ୍‌କା ରାଜା ମୂର୍ତ୍ତି ନିର୍ମାଣ କରୁଥିବା କାରିଗର ପି. ରବିନାରାୟଣ ଦାସ ଏହି ମୂର୍ତ୍ତି ନିର୍ମାଣ କରୁଛନ୍ତି।



ଅଶୋକ ନଗରରେ ନିର୍ମାଣ ହେଉଥିବା ୨୫ଫୁଟ ଉଚ୍ଚତାର ଗଣେଶ ମୂର୍ତ୍ତି ।

■ ରୋଟାରୀର ସକ୍ଷମ କାର୍ଯ୍ୟକ୍ରମ: ପୂର୍ବଭାରତ, ଓଡ଼ିଶାରେ ପ୍ରଥମ

# ଦିବ୍ୟାଙ୍ଗଙ୍କର ଲାଗିବ କୃତ୍ରିମ ହାତ

**ବ୍ରହ୍ମପୁର ଅଫିସ୍,୨୩।୮**

ସମାଜରେ ଥିବା ଦିବ୍ୟାଙ୍ଗମାନଙ୍କ ହାତର କହୁଣିରୁ କଟିଯାଇଥିବା କିମ୍ବା ଜନ୍ମରୁ କହୁଣିଠାରୁ ହାତ ନ ଥିବା ଦିବ୍ୟଙ୍ଗଙ୍କୁ ସକ୍ଷମ କରିବା ପାଇଁ ରୋଟାରୀ କ୍ଲବ ଇଷ୍ଟ ଓ ରୋଟାରୀ କ୍ଲବ ପୁରୁଣା ଡାଉନଟାଉନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କହୁଣିର ୪ଇଞ୍ଚରୁ କଟିଯାଇଥିବା କିମ୍ବା ଅସମ୍ପୂର୍ଣ୍ଣ ଥିବା ଦିବ୍ୟାଙ୍ଗଙ୍କ ହାତରେ ଆମେରିକୀୟ ଜ୍ଞାନକୌଶଳରେ ପ୍ରସ୍ତୁତ ହାତ ପ୍ରତିରୋପଣ କରାଯିବ। ଏନେଇ ସେପ୍ଟେମ୍ବର ୩୦ରେ ଏମ୍‌କେସିଜି ପିଏମ୍‌ଆର ବିଭାଗର ଏହି କୃତ୍ରିମ ଅଙ୍ଗପ୍ରତିରୋପଣ କାର୍ଯ୍ୟକ୍ରମ ସକ୍ଷମ ଅନୁଷ୍ଠିତ ହେବ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବଭାରତ ତଥା ଓଡିଶାରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୫୦ ଦିବ୍ୟାଙ୍ଗଙ୍କ କୃତ୍ରିମ ହାତ ପ୍ରତିରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା କ୍ଲବ ଅଧକ୍ଷ ସୁଧାଂଶୁ ଶେଖର ଖଡଗରାୟ କହିଛନ୍ତି। ତେବେ ବର୍ତ୍ତମାନ ସୁଧା ବିଭିନ୍ନ ଜିଲାରୁ ୧୧୦ ଜଣ ଏଥିପାଇଁ ନିଜ ନାମ ପଞ୍ଜୀକରଣ କରିସାରିଛନ୍ତି । ଏନେଇ ରାଜ୍ୟର ସମସ୍ତ ଜିଲାର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ଅବଗତ କରାଯାଇଛି । ଏଥିପାଇଁ ନାମ ପଞ୍ଜୀକରଣ ପ୍ରକ୍ରିୟା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି । ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ଅଜିତ କୁମାର ପୃଷ୍ଟି, ସମ୍ପାଦକ ସୁମିତ କୁମାର ପଟ୍ଟନାୟକଙ୍କ ସମେତ ଧନ୍ୱନ୍ତରୀ ରାଓ, ଜବହାରଲାଲ ପାଳ, ପ୍ରଦୀପ କୁମାର ପଣ୍ଡା, କେ. ଆନନ୍ଦ ରାଓ ଏବଂ କୁଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ରୋଟାରୀ କ୍ଲବର କର୍ମକର୍ତ୍ତାମାନେ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ସୁବାସ



@ ନାରାୟଣ



@ ରୁଦ୍ରମାଧବ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ଅଗଷ୍ଟ ୨୪/୨୦୧୮ Berhampur, Friday, August, 24/ 2018

## ସଂକ୍ଷେପରେ

### ୱାରେଣ୍ଟ ବଳରେ ୩ ଗିରଫ

ଗୋପାଳପୁର,୨୩।୮ - ଗୋଳନ୍ଥରା ପୋଲିସ ମାମଲାର ୱାରେଣ୍ଟ ବଳରେ ତିନିଜଣଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ ଗୋଳନ୍ଥରା ଗ୍ରାମର କିଶୋର ଚନ୍ଦ୍ର ଜେନା, ଚାନ୍ଦପୁର ଗ୍ରାମର ପିଣ୍ଟୁ ଦାସ ଓ ପଞ୍ଚମା ଗ୍ରାମର ଦନା ସାହୁ। ପ୍ରକାଶ ଯେ, ତିନୋଟି ମାମଲାରେ କିଶୋର, ପିଣ୍ଟୁ ଓ ଦନା କୋର୍ଟରେ ବିଭିନ୍ନ ସମୟରେ ବିଚାରଣା ବେଳେ ଅନୁପସ୍ଥିତ ରହୁଥିଲେ। କୋର୍ଟ ଏହି ତିନିଜଣଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ଗୁରୁବାର କିଶୋର, ପିଣ୍ଟୁ ଓ ଦନା ଗ୍ରାମରେ ଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି କାବୁ କରିଥିଲେ।

### ୧୭୦ ପାଉଚ ମଦ ଜବତ, ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ପାଟପୁର, ୨୩।୮ (ଡି.ଏନ.ଏ.)- ପାଟପୁର ପୋଲିସ ଗୁରୁବାର ଶ୍ରୀଚନ୍ଦନପୁର ଗ୍ରାମର କଂସ ପ୍ରଧାନ ଏବଂ ଢେଙ୍ଗାଡ଼ି ଗ୍ରାମର ବୁଲୁ ସୁଆଁସିଆଙ୍କୁ ମଦବିକ୍ରି ଅଭିଯୋଗରେ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ବୁଧବାର ସନ୍ଧ୍ୟାରେ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ମଦ ବିକେତ୍ରା ଦ୍ୱୟ ପୋଲିସ ହାବୁଡ଼ରେ ପଡ଼ିଥିଲେ। ପୋଲିସ ସେମାନଙ୍କ ନିକଟରୁ ୧୭୦ ପାଉଚ ଚୋରା ଦେଶୀ ମଦ ଜବତ କରିବା ସହ ଥାନା ନଂ.୧୫୨/୧୮ ଓ ୧୫୩/୧୮ରେ ପୃଥକ ମାମଲା ରୁଜୁ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି

# ଚୋରାମଦ କାରବାରକୁ ନେଇ ଗର୍ଜିଲେ ମହିଳା

ଦାରିଙ୍ଗବାଡ଼ି,୨୩।୮(ଡି.ଏନ.ଏ.)


ଶ୍ରାନିକେତାରେ ଭାଜପା ମହିଳାମୋର୍ଚ୍ଚାର ବୈଠକ।

- ନିଶାମୁକ୍ତି ଆନ୍ଦୋଳନ ପାଇଁ ସଜବାଜ
- ଫାଣ୍ଡି ଖୋଲିବାକୁ ଦାବି, ମଦ ଯୋଗୁ ବିଶୃଙ୍ଖଳା

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ପୁଣି ଚୋରାମଦ କାରବାର ବୃଦ୍ଧି ପାଉଛି। ପୋଲିସ କିମ୍ବା ଅବକାରୀ ବିଭାଗ ହାତଗୁଞ୍ଜା ନେଇ ଏହାକୁ ପ୍ରଶ୍ରୟ ଦେଉଛି। ଫଳରେ ଏହି କାରବାର ବୃଦ୍ଧି ଯୋଗୁ ଏବେ ଯୁବ ସମାଜ ପଥଭ୍ରଷ୍ଟ ହେବା ସହ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଛି ବୋଲି ଶ୍ରାନିକେତା ପଞ୍ଚାୟତ ସମେତ ବୁଡାଗୁଡ଼ା ଏବଂ ଗୁମିକିଆରେ ଭାଜପା ମହିଳା ମୋର୍ଚ୍ଚା ସଂଗଠନ ପକ୍ଷରୁ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା କରାଯାଇଛି। ଏଥିରେ ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ ଯୋଗଦେଇ ଆନ୍ଦୋଳନକୁ ତୀବ୍ରତର କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଆଲୋଚନା କରି ନିଷ୍ପତ୍ତି ନେଇଛନ୍ତି ଯେ, ପ୍ରଥମେ ଦାରିଙ୍ଗବାଡ଼ି ଅଞ୍ଚଳରେ ଚୋରାମଦ କାରବାରକୁ ବନ୍ଦ କରିବାକୁ ପଡ଼ିବ। ଗରିବ ଲୋକ ରୋଜଗାର କରି ଆଣିଥିବା ଅର୍ଥ ମଦରେ ଖର୍ଚ୍ଚ କରୁଛନ୍ତି। ସେମାନଙ୍କ ଆର୍ଥିକ ବିକାଶ ହେଉ ନ ଥିବା ବେଳେ ସାମାଜିକ କ୍ଷେତ୍ରରେ ମଧ୍ୟ ବିକାଶ ବାଟବଣା ହେଉଛି। ଚୋରାମଦ କାରବାରକୁ ବନ୍ଦ କରାଯିବା ପାଇଁ ପଦକ୍ଷେପ ନିଆଯାଉ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କୁହାଯାଇଥିଲା। ସେହିପରି ଅଞ୍ଚଳରେ ଅଟୋ ସଂଖ୍ୟା ବୃଦ୍ଧି ପାଇଛି। ଅନେକ ସମୟରେ ଟ୍ରାଫିକ ସମସ୍ୟା ଦେଖାଯିବା ସହ ମାଲିକମାନେ ଯାତ୍ରୀଙ୍କଠାରୁ ଅଧିକ ଭଡା ନେଉଛନ୍ତି । ଠିକ ଭଡା ସ୍ଥିର କରି ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ନେବା ଆଣିବା କରାଯାଉ। ସେହିପରି ବୁଡାଗୁଡ଼ାରେ ବୈଠକରେ ମଧ୍ୟ ଚୋରାମଦ କାରବାର ରୋକିବାକୁ ଗୁରୁତ୍ୱ ଦିଆଯାଇଥିଲା। ବୁଡାଗୁଡ଼ାରେ ଥିବା ଫାଣ୍ଡି ଦୀର୍ଘଦିନ ହେଲା ବନ୍ଦକରି ଦିଆଯାଇଛି। ଫଳରେ ବୁଡାଗୁଡ଼ା ସମେତ ଗୁମିକିଆ ଓ ତିଲୋରୀ ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ପାଇଛି। ସେଠାରେ ଶୀଘ୍ର ଫାଣ୍ଡି ଖୋଲାଯାଇ ପୋଲିସ ମୁତୟନ ପାଇଁ ଦାବି କରାଯାଇଥିଲା। ଏହି ସବୁ ସ୍ଥାନରେ ବୈଠକରେ ଭାଜପା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନଙ୍କ ସମେତ ଭାଜପା ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ବାଲିଗୁଡ଼ା ମଣ୍ଡଳର ସାଧାରଣ ସମ୍ପାଦକ ଆଦିକନ୍ଦ ପଟ୍ଟନାୟକ, ମହିଳା ମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଷମା ପ୍ରଧାନ, ତିଲୋରୀ ସରପଞ୍ଚ ବିଷ୍ଣୁ ଚରଣ ପ୍ରଧାନ,ବୁଡାଗୁଡ଼ା ସରପଞ୍ଚ ନିକିତା ପ୍ରଧାନ, ସମିତିସଭ୍ୟା ନିର୍ମଳା ସାହୁଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ବାଲିଗୁଡ଼ାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

ବାଲିଗୁଡ଼ା,୨୩।୮(ଡି.ଏନ୍.ଏ.)

ବାଲିଗୁଡ଼ା ଟାଉନ ସଭାଗୃହ ପରିସରରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ା ବ୍ଲକର ୧୪ଟି ପଞ୍ଚାୟତର ସମସ୍ତ ଜନସାଧାରଣ, ଜନ ପ୍ରତିନିଧି, ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ସମେତ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି, ଉପଜିଲାପାଳ ଏସ୍. କ୍ରିଷନ କେପି, ଏସ୍‌ଡିପିଓ ନିତିନ୍ କୁଶଲକର, ଏନ୍ଏସି ଅଧକ୍ଷା ମମତା ବେହେରା, ଉପାଧକ୍ଷ ଲୋକନାଥ ପାଢୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପୂର୍ତ୍ତବିଭାଗ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟଦେବ ଷଡ଼ଙ୍ଗୀ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା କରି ୬୯ଟି ପ୍ରକଳ୍ପ ମାଧ୍ୟମରେ ୨କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାପଡ଼ିଛି।

ଏହା ଦ୍ୱାରା ଉକ୍ତ ବ୍ଲକ ଅଧୀନ ୧୪ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଏନ୍ଏସି ଅଧକ୍ଷା ମମତା ବେହେରା ପ୍ରକାଶ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ